# Akashvani, Sambalpur

## SAMBALPURI NEWS EVENING BULLETIN

**28 November 2025- 7.02 pm- 7.12 pm.**

**********************************************

୧- ବିଧାନ୍‌ସଭା ନ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ୧୭ ହଜାର୍ ୪ ଶହ ୪୦ କୋଟି ଟଙ୍କାର୍ ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କଲେ ମୁଖ୍ୟମନ୍ତ୍ରୀ ।

- ସମୃଦ୍ଧ କୃଷକ୍ ଯୋଜ୍‌ନାଥି ଏମ୍‌ଏସ୍‌ପି ଆଉ ଇନ୍‌ପୁଟ୍ ସାହାଜ୍ ଲାଗି ୮ ଶହ ୫୦ କୋଟି ଟଙ୍କାର୍ ବ୍ୟୟବରାଦ୍ ।

- ସୁଭଦ୍ରା ଯୋଜ୍‌ନା ଲାଗି ୨ ଶହ ୯୫ କୋଟି ଟଙ୍କାର୍ ବ୍ୟବସ୍ଥା ।

୨- ରାଏଜେ କମିଛେ ମହିଳା ବିରୋଧୀ ହିଂସା- କହେଲେ ଆଇନ୍‌ମନ୍ତ୍ରୀ ।

୩- ରାଜ୍ୟ ସର୍‌କାର୍ ବଢ଼ାଲେ ମାଓବାଦୀମାନ୍‌କର୍ ଆତ୍ମସମର୍ପଣ୍ ସାହାଜ୍ ଟଙ୍କା ।

ଆଉର୍

୪- ଗୋଆ ନ ଚାଲିଥିବା ୫୬ ନମ୍ବର୍ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଆଏଜ୍ ହେଉଛେ ଉଦ୍‌ଯାପିତ ।

ବିଧାନ୍‌ସଭା- ମୁଖ୍ୟମନ୍ତ୍ରୀ ବଜେଟ୍        ଭୁବ୍‌ନେଶ୍ୱର୍
ସମ୍ବାଦଦାତା

ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍‌ଥି ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ୧୭ ହଜାର୍ ୪ ଶହ ୪୦ କୋଟି ଟଙ୍କାର୍ ଅତିରିକ୍ତ ବଜେଟ୍ ଗୃହ ନ ଉପସ୍ଥାପନ୍ କରିଛନ୍ । ଅତିରିକ୍ତ ବଜେଟ୍‌ଥି ରାଜ୍ୟ ସର୍‌କାର୍ ପ୍ରଶାସନିକ୍ ଖର୍ଚ୍ଚା ଲାଗି ୩ ହଜାର୍ ୩ ଶହ ୮୯ କୋଟି ଟଙ୍କା ବ୍ୟୟବରାଦ୍ କରିଥିଲା ବେଲେ କାର୍ଯ୍ୟକ୍ରମ୍ ଖର୍ଚ୍ଚା ବାବ୍‌ଦେ ୧୩ ହଜାର୍ ୭ ଶହ ୧୬ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଲାଗି ଶହେ ୭୧ କୋଟି ଆଉ ରାଜ୍ୟ ବଜେଟ୍ ନୁ ଶହେ ୬୪ କୋଟି ଟଙ୍କା ସ୍ଥାନାନ୍ତରଣ୍ ଲାଗି ପ୍ରସ୍ତାବ୍ ଦେଇଛନ୍ । ଇ ବେଜଟ୍‌ଥି ସର୍‌କାର୍ ସୁଭଦ୍ରା ଯୋଜ୍‌ନା ଲାଗି ୨ ଶହ ୯୫ କୋଟି, ଧାନ୍ ଘିନା ରିଭଲ୍‌ଭିଂ ପାଣ୍ଠିକେ ୩ ହଜାର୍ କୋଟି, ଚାଷୀମାନ୍‌କୁ ଏମ୍‌ଏସ୍‌ପି ଆଉ ଇନ୍‌ପୁଟ୍ ସାହାଜ୍ ବାବ୍‌ଦେ ୮ ଶହ ୫୦ କୋଟି, ଚାଷୀ ଋଣ ଛାଡ଼୍ ଲାଗି ୩ ଶହ କୋଟି, ମିଶନ୍ ଶକ୍ତି କାର୍ଯ୍ୟକ୍ରମ୍ ଲାଗି ୪ ଶହ ୫ କୋଟି, ରାସ୍ତା ସେତୁ ମରାମତି ଲାଗି ୨ ଶହ ୫୦ କୋଟି  ଆର୍ ଗାଁ ଇଲାକା ନ ପିଇବାର୍ ପାନି ପ୍ରକଳ୍ପ ଲାଗି ଶହେ ୧୬ କୋଟି ଟଙ୍କାର୍ ପ୍ରସ୍ତାବ୍ ଦେଇଛନ୍ । ବଜେଟ୍ ଉପସ୍ଥାପନ୍ ହେବାର୍ ଉତ୍‌ରୁ ଆଏବା କାଏଲ୍

ସଖାଲ୍‌ତକ୍ ଗୃହକେ ମୁଲ୍‌ତବୀ ରଖାଯାଇଛେ । ଆଏବା ୪, ୫ ଆଉ ୬ ତାରିଖ୍ ଦିନ ଖର୍ଚ୍ଚା ଦାବି ଉପ୍‌ରେ ଗୃହ ନ ଆଲୋଚନା କରାଯିବା । ୮ ତାରିଖ୍ ଦିନ ବ୍ୟୟ ମଞ୍ଜୁରୀ ବିଧେୟକ୍ ଆଗତ୍ ହେବା ।

ବିଧାନ୍‌ସଭା- ୧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍‌ର ୨ ନମ୍ବର୍ ଦିନେ ଆଏଜ୍ ଗୃହ କାର୍ଯ୍ୟ ସ୍ୱାଭାବିକ୍ ଚାଲିଥିଲା । ଆଏଜ୍ ସଖାଲ୍‌ବେଲା ପ୍ରଶ୍ନକାଳ ସମିଆଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା, ଶିଳ୍ପ, ଅନସୂଚିତ ଜାତି ଆଉ ଜନଜାତି, କ୍ରୀଡ଼ା ଆଉ ଯୁବବ୍ୟାପାର୍ ଆର୍ ସାମାଜିକ୍ ସୁରକ୍ଷା ବାଗିର୍ ଭିନ୍ ଭିନ୍ ବିଭାଗ୍‌ର ପ୍ରଶ୍ନ ଉତ୍‌ର ଚାଲିଥିଲା । ଶୂନ୍ୟକାଳ ସମିଆଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ବିଷେ ଉପ୍‌ରେ ଶାସକ ଆଉ ବିରୋଧୀ ଦଲର୍ ସଦସ୍ୟମାନେ ଆଲୋଚନା କରିଥିଲେ ।

ବିଧାନ୍‌ସଭା-ମହିଳା ସୁରକ୍ଷା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ନୂଆଁ ସର୍‌କାର୍ ଆସ୍‌ବାର୍ ଦିନ୍ ଠାନୁ ବଳାତ୍କାର୍ ମାମ୍‌ଲା ୩ ଦଶ୍‌ମିକ୍ ୩ ପ୍ରତିଶତ୍ କମିଛେ । ଯୌନ

ନିର୍ଯ୍ୟାତନା ମାମ୍ଲା ଭିଲ୍ ନାଇଁ ବଢ଼ି । ସେନ୍ତା ଏସିଡ୍ ଆକ୍ରମଣ୍ ଘଟ୍ନା ୬୬ ଦଶ୍ମିକ୍ ୭ ପ୍ରତିଶତ୍ ଆଉ ଯୌତୁକ୍ ମାମ୍ଲା ୨୦ ଦଶ୍ମିକ୍ ୬ ପ୍ରତିଶତ୍ କମିଛେ ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ବିଧାନ୍ସଭା ନ ଆଏଜ୍ କଂଗ୍ରେସ୍ ତର୍ଫୁ ଆଗତ୍ ହେଇଥିବା ମୁଲ୍ତବୀ ପ୍ରସ୍ତାବ୍ ଆଲୋଚନାଥି ଉତର୍ ରଖିକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ନୂଆଁ ସର୍କାର୍ ଆସ୍ବାର୍ ଦିନୁ ଅପରାଧ୍ ଆଏତ୍ କର୍ବାର୍ ଲାଗି ପୁଲିସ୍ ବିଭାଗ୍କେ ବର୍କସ୍ କରୁଛନ୍ । ଇଥିର୍ଲାଗି ଗଲା ୧୫ ମାସ୍ ଭିତ୍ରେ ସର୍କାର୍ ୯ ହଜାର୍ ପୁଲିସ୍ ପଦ୍ବୀଥି ନିଯୁକ୍ତି ଦେଇଛନ୍ । ରାଜ୍ୟର୍ ସବୁ ମହିଲା ଥାନା ନ ମହିଲା ଆଉ ଶିଶୁ ଡେସ୍କ କାମ୍ କରୁଛେ । ୪୫ ଟା ଫାଷ୍ଟଟ୍ରାକ୍ କୋର୍ଟ ଭିତ୍ରୁ ୨୧ ଟା ଖୋବ୍ ଜଲ୍ଦି ଖୁଲ୍ବାର୍କେ ଯାଉଛେ ବଲି ଆଇନ୍ ମନ୍ତ୍ରୀ କହିଛନ୍ । ମନ୍ତ୍ରୀଙ୍କର୍ ଉତର୍ ଉତ୍ରୁ ଉପବାଚସ୍ପତି କଂଗ୍ରେସ୍ର ମୁଲ୍ତବୀ ପ୍ରସ୍ତାବ୍କେ ଅଗ୍ରାହ୍ୟ କରିଥିଲେ ।

ବିଧାନ୍ସଭା-ଗଣଶିକ୍ଷା ବିଭାଗ୍ ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ଭିନ୍ ଭିନ୍ ବିଦ୍ୟାଲୟ ନ ଅଧାନୁ ପାଠ୍ ଛାଡ଼ିଥିବା ୧ ଲାଖ୍ ୮୩ ହଜାର୍ ୨ ଶହ ୧୬ ଝନ୍ ଛାତ୍ରଛାତ୍ରୀଙ୍କର୍ ଭିତ୍ରୁ ୬୦ ହଜାର୍ ୭ ଶହ ୨୯ ଝନ୍କୁ ସର୍କାର୍ ବିଦ୍ୟାଲୟକେ

ଫିରେଇ ଆନିଛନ୍ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନ୍‌ସଭା ନ କହିଛନ୍ ।

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ରାଜ୍ୟର୍ ଭିନ୍ ଭିନ୍ ବିଦ୍ୟାଲୟ ମାନ୍‌କେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କର୍ ଶିକ୍ଷାର୍ ଲାଗି ୧୫ ଶହ ସ୍ୱତନ୍ତ୍ର ଶିକ୍ଷକ୍ ନିଯୁକ୍ତି କର୍‌ବାର୍‌କେ ସର୍‌କାର୍ ପ୍ରକ୍ରିୟା ଚଲେଇଛନ୍ । ସେନ୍ତା ୨୦ ନୁ କମ୍ ଛାତ୍ରଛାତ୍ରୀ ଥିବାର୍‌ନୁ ବନ୍ଦ୍ ହେଇଥିବା ୪୬ ଟା ବିଦ୍ୟାଲୟକେ ଫେର୍ ଖୁଲ୍‌ବାର୍‌କେ ସର୍‌କାର୍ ଚେରେଷ୍ଟା କରୁଛନ୍ । ଇ ବାବ୍‌ଦେ ଦାବିଥିଲେ ଜିଲ୍ଲା କମିଟି ନ ଆବେଦନ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ଗଣ୍ଡ ପରାମର୍ଶ ଦେଇଛନ୍ ।

ବିଧାନ୍‌ସଭା-ମହାବିଦ୍ୟାଲୟ ଜମି ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଜ୍ୟର୍ ସବୁ ମହାବିଦ୍ୟାଲୟ ମାନ୍‌କର୍ ଜମିମାନ୍‌କୁ ଜବର୍‌ଦଖଲ୍‌ନୁ ଉଚ୍ଛେଦ୍ କରାଯିବା । ଇଥିର୍‌ଲାଗି ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଭଦ୍ରକ୍ ବିଧାୟକ୍ ଶୀତାଂଶୁ ଶେଖର୍ ମହାପାତ୍ରଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସୂରଜ୍

କହିଛନ୍, ରାଜ୍ୟର୍ ବହୁତ୍‌ଟେ ମହାବିଦ୍ୟାଲୟମାନ୍‌କର୍ ଜମି ଇହାଦେ ଭିଲ୍ ଜବର୍‌ଦଖଲ୍‌ଥି ରହିଛେ । ଖୋବ୍ ଜଲ୍‌ଦି ସେସବୁକେ ଉଚ୍ଛେଦ୍ କରାଯିବା ବଲି ଶ୍ରୀ ସୂରଜ୍ କହିଛନ୍ ।

ବିଧାନ୍‌ସଭା-ଶିଳ୍ପସଂସ୍ଥା          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଶିଳ୍ପସଂସ୍ଥାମାନେ ସର୍‌କାର୍‌ଙ୍କର୍‌ଠାନୁ ଜମି ନେଇକରି ଶିଳ୍ପ ଥାପ୍‌ନା ନାଇଁ କରିକରି ଅଲ୍‌ଗା କାମେ ବେଭାର୍ କରୁଛନ୍ । ଇ ଅଭିଯୋଗ୍‌ଥି ରାଏଜେ ୨ ହଜାର୍ ୫୭ ଟା ଶିଳ୍ପ ସଂସ୍ଥା ବିରୋଧ୍‌ଥି ମାମ୍‌ଲା ରୁଜୁ କରାଯାଇକରି ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଶଳ୍ପମନ୍ତ୍ରୀ ସମ୍ପଦ୍ ଚରଣ୍ ସ୍ୱାଇଁ କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ, ରାଏଜେ ଶହେ ୨୨ ଟା ଶିଳ୍ପାଂଚଲ୍ ନ ୬ ହଜାର୍ ୪ ଶହ ୭୯ ଟା ଶିଳ୍ପ ସଂସ୍ଥାକେ ସର୍‌କାର୍ ୬ ହଜାର୍ ୫ ଶହ ୮୨ ଏକଡ୍ ଜମି ଦେଇଛନ୍ । ସେଥିର୍‌ଭିତ୍‌ରୁ ବହୁତ୍‌ଟେ ସଂସ୍ଥା ଜମିକେ ଅଲ୍‌ଗା କାମ୍‌ଥି ବେଭାର୍ କରିଛନ୍ । ଇ ସଂସ୍ଥାମାନ୍‌କୁ ଦିଆଯାଇଥିବା ଜମି ଖୋବ୍ ଜଲ୍‌ଦି ରଦ୍ଦ କରାଯିବା ବଲି ଶିଳ୍ପମନ୍ତ୍ରୀ କହିଛନ୍ ।

ମାଓବାଦୀ ଆତ୍ମସମର୍ପଣ୍ ସାହାଜ          ଆର୍‌ଏନ୍‌ୟୁ/
ସମ୍ବଲପୁର

ରାଜ୍ୟ ସର୍କାର୍ ମାଓବାଦୀମାନ୍କର୍ ଆତ୍ମସମର୍ପଣ୍ ସାହାଜ୍ ଟଙ୍କା ବଢ଼େଇଛନ୍ । ଲାଇଟ୍ ମେସିନ୍‌ଗନ୍ ସହେତେ ଆତ୍ମସମର୍ପଣ୍ କଲେ ମାଓବାଦୀମାନ୍କୁ ୪ ଲାଖ୍ ୯୫ ହଜାର୍ ଟଙ୍କା ସାହାଜ୍ ଦିଆଯିବା । ସେନ୍ତା ଏକେ ୪୭ ସହେତେ ଆତ୍ମସମର୍ପଣ୍ କଲେ ୩ ଲାଖ୍ ୩୦ ହଜାର୍ ଆର୍ ଏସ୍‌ଏଲ୍‌ଆର୍ ସହେତେ ଲାଖେ ୬୫ ହଜାର୍ ସାହାଜ୍ ଦେବାର୍‌କେ ସର୍କାର୍ ଘୋଷ୍ନା କରିଛନ୍ । ୧୦ ଲାଖ୍ ପୁରସ୍କାର୍ ଥିବା ମାଓବାଦୀମାନେ ଆତ୍ମସମର୍ପଣ୍ କଲେ ୫ ଲାଖ୍ ଟଙ୍କା ଯୁଗେଇ ଦିଆଯିବା । ଇତାର୍‌ସହେତେ ସେମାନ୍କର୍ ନାଁଥି ଥିବା ସବୁ ଛୋଟ୍‌ମୋଟ୍ ମାମ୍‌ଲା ଭିଲ୍ ହଟେଇ ନିଆଯିବା । ସେନ୍ତା ମାଓବାଦୀ ସଂଗଠନର୍ ପଲିଟ୍ ବ୍ୟୁରୋ ଆର୍ ସେଂଟ୍ରାଲ୍ କମିଟି ସଦସ୍ୟଙ୍କୁ ୧ କୋଟି ୧୦ ଲାଖ୍, ଷ୍ଟେଟ୍ କମିଟି ସ୍ପେଶାଲ୍ ଜୋନାଲ୍ କମିଟି ସଦସ୍ୟଙ୍କୁ ୫୫ ଲାଖ୍, ରିଜିଓନାଲ୍ କମିଟି ସଦସ୍ୟଙ୍କୁ ୩୩ ଲାଖ୍ ଆର୍ ଡିଭିଜନାଲ୍ କମିଟି ସଦସ୍ୟଙ୍କୁ ସାଢ଼େ ୨୭ ଲାଖ୍ ଟଙ୍କା ସାହାଜ୍ ଯୁଗେଇ ଦେବାର୍‌କେ ରାଜ୍ୟ ସର୍କାର୍ ଘୋଷ୍ନା କରିଛନ୍ ।

ଖରିଫ୍ ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଆଉ ବର୍‌ଗଡ଼୍ ଜିଲ୍ଲା ନ ଆଏଜ୍‌ଠାନୁ ଖରିଫ୍ ଧାନ୍ ଘିନା ମୁଲ୍ ହେଇଛେ । ଆଗ୍‌କେ ଅନୁଗୁଲ ଆର୍ ବାଲେଶ୍ୱର୍ ନ ଧିରେ ଧିରେ ମଣ୍ଡିମାନେ ଖୁଲ୍‌ବା । ମଣ୍ଡି ଜରିଏ ଧାନ୍ ବିକିକରି ଚାଷୀମାନେ କେନ୍ତାକରି ଭଲ୍ ଦୁଇପଏସା ଲାଭ୍ ପାଇପାର୍‌ବେ ତାର୍ ଉପ୍‌ରେ ଜୋର୍ ଦିଆଯାଉଛେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ ।

ଜିଡ଼ିପି ଅଭିବୃଦ୍ଧି            ଏନ୍‌ଏସ୍‌ଡି

୨୦୨୫-୨୬ ଆର୍ଥିକ୍ ବଛର୍‌ର ୨ ନମ୍ବର୍ ୩ ମାସ୍ ସମିଆଥି ଦେଶର୍ ମୋଟ୍ ଘରୋଇ ଉତ୍ପାଦ- ଜିଡିପି ୮ ଦଶ୍‌ମିକ୍ ୨ ପ୍ରତିଶତ୍ ଅଭିବୃଦ୍ଧି ହେଇଛେ । ବଛ୍‌ରର୍ ପହେଲା ୩ ମାସ୍ ନ ଜିଡ଼ିପି ଅଭିବୃଦ୍ଧି ୭ ଦଶ୍‌ମିକ୍ ୮ ପ୍ରତିଶତ୍ ରହିଥିଲା ବେଲ୍‌କେ ଗଲା ବଛର୍ ଇ ସମିଆଥି ଜିଡ଼ିପି ଅଭିବୃଦ୍ଧି ହାର ୫ ଦଶ୍‌ମିକ୍ ୬ ପ୍ରତିଶତ୍ ଥିଲା ।

ଇଫି      ଏନ୍‌ଏସ୍‌ଡି

ଗୋଆ ନ ଚାଲିଥିବା ୫୬ ନମ୍ବର୍ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଆଏଜ୍ ଉଦ୍‌ଯାପିତ୍ ହେଉଛେ । ଉଦ୍‌ଯାପନୀ ସମାରୋହଥି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ୍ ସାୱନ୍ତ, କେନ୍ଦ୍ର

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଉ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍ ମୁରୁଗନ୍ ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ । ଭିନ୍ ଭିନ୍ ବର୍ଗଥି ଗୋଲ୍‌ଡେନ୍ ପିକକ୍ ଆୱାର୍ଡ଼, ସିଲ୍‌ଭର୍ ପିକକ୍ ଆୱାର୍ଡ଼ ଆର୍ ଆଇସିଏଫ୍‌ଟି - ୟୁନେସ୍କୋ ଗାନ୍ଧୀ ମେଡ଼ାଲ୍ ଦିଆଯିବା । ୨୦ ତାରିଖ୍‌ନୁ ମୁଲ୍ ହେଇଥିବା ମହୋତ୍ସବ୍‌ଥି ଭାରତ୍‌ର ସିନ୍‌ମା ଐତିହ୍ୟକେ ପ୍ରଦର୍ଶନ୍ କରାଯାଇଥିଲା । ଇ ଅବ୍‌ସରେ ୮୧ ଟା ଦେଶ୍‌ର ୨ ଶହ ୪୦ ନୁ ଅଏତ୍‌କା ସିନ୍‌ମା ପ୍ରଦର୍ଶିତ୍ ହେଇଥିଲା ।

## ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି

ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ପୋଷ୍ୟ ସନ୍ତାନ ଗ୍ରହଣ୍ ସଚେତନତା ମାସ

ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ୍ ସଚେତନତା ମାସ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପୋଷ୍ୟ ସନ୍ତାନ ଗ୍ରହଣ ଲାଗି ଥିବା ଆଇନ୍ ବ୍ୟବସ୍ଥା ବାବ୍‌ଦେ ବୁଝେଇଥିଲେ ।

ଶୂନ୍ୟ ମୃତାହତ ପକ୍ଷ ପାଳନ          ବୌଦ୍ଧ ସମ୍ବାଦଦାତା

ଶୂନ୍ୟ ମୃତାହତ ପକ୍ଷ ପାଲନ୍ ଅବ୍‌ସରେ ବୌଦ୍ଧ ନ ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାଥି ସହର୍ ପରିକ୍ରମା କରିକରି ସଡ଼କ୍ ସୁରକ୍ଷା

ବାବ୍‌ଦେ ଲୁକ୍‌କୁ ସଚେତନ୍ କରିଥିଲେ । ଶୋଭାଯାତ୍ରାକେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଶୁଭାରମ୍ଭ କରିଥିଲେ ।

ସେନ୍ତା ନୂଆପଡ଼ା ଜିଲ୍ଲା ନ ଭିଲ୍ ଇ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଶୋଭାଯାତ୍ରାକେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନୁ ବାହାରିକରି ସହର୍ ପରିକ୍ରମା କରିଥିଲା । ଇ ଅବ୍‌ସରେ ସଡ଼କ୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ଫେନ୍‌ସିଂ, ଥାଙ୍‌ଟା ପ୍ରତିଯୋଗିତା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ସର୍‌କାର୍ ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟ ନ ୧୭ ବଛର୍‌ନୁ କମ୍ ବାଳକ ବାଳିକା ଫେନ୍‌ସିଂ ଆର୍ ଥାଙ୍‌ଟା ପ୍ରତିଯୋଗିତା ହେଇଯାଇଛେ । ଇଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଲ୍ ବିଜୟାନନ୍ଦ ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ୍ ଆଉ ରାଜ୍ୟ ଫେନ୍‌ସିଂ ଯୁଗ୍ମ ସମ୍ପାଦକ ସୁମିତ୍ ରଞ୍ଜନ୍ ପୁରୋହିତ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ବାର୍ଷିକ କ୍ରୀଡ଼ା ଉତ୍ସବ ନୂଆପଡ଼ା ସମ୍ବାଦଦାତା

ଖଡ଼ିଆଲ୍ ସ୍ୱୟଂ ଶାସିତ ମହାବିଦ୍ୟାଲୟ ନ ବାର୍ଷିକ କ୍ରୀଡ଼ା ଉସ୍ବବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ମଶାଲ୍ ଶୋଭାଯାତ୍ରା ସମ୍‌ଲେଇ ମନ୍ଦିର୍‌ନୁ ବାହାରିକରି ଖେଲ୍ ପଡ଼ିଆତକ୍ ଯାଇଥିଲା । ଖେଲ୍ ପଡ଼ିଆ ନ କ୍ରୀଡ଼ା ପତାକା ଉତୋଲନ୍ ଉତ୍‌ରୁ ଖେଲ୍ ମୁଲ୍ ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତର୍ ପ୍ରକୋପ୍ ଆଏବା କାଏଲ୍ ଭିଲ୍ ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୪୮ ଘଂଟା ଭିତ୍‌ରେ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ କମ୍‌ବାର୍ ସହେତେ ଶୀତ୍ ବଢ୍‌ବା । ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, କନ୍ଧମାଲ୍ ଆର୍ କୋରାପୁଟ୍ ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।